# DAV PUBLIC SCHOOL, UNIT-VIII, BHUBANESWAR
# ANNUAL EXAMINATION, 2020-21

- Check that this question paper contains 4 printed pages.
- Check that this question paper contains 14 questions.
- Write down the Serial Number of the question in the left side of the margin before attempting it.

## CLASS - VIII
## SUB : LOWER ODIA

Time : 3 Hours                                        Maximum Marks : 80

ସୂଚନା : ଏହି ପ୍ରଶ୍ନ ପତ୍ରରେ ଚାରୋଟି ବିଭାଗ ରହିଛି ।

(କ) ପଠନ - Reading - 10

(ଖ) ଲିଖନ - Writing - 15

(ଗ) ବ୍ୟାକରଣ - Grammar - 25

(ଘ) ସାହିତ୍ୟ - Literature - 30

ନିର୍ଦ୍ଦେଶାନୁଯାୟୀ ସମସ୍ତ ପ୍ରଶ୍ନର ଉତ୍ତର ଦିଅ ।

## କ- ବିଭାଗ (ପଠନ)

୧. ନିମ୍ନ ଲିଖିତ ଅନୁଚ୍ଛେଦଟି ପଢି ଦିଆଯାଇଥିବା ପ୍ରଶ୍ନ ଗୁଡିକର ଉତ୍ତର ଲେଖ । (୨x୫=୧୦)

୧୮୦୩ ମସିହାରେ ଇଂରେଜମାନେ ମରହଟ୍ଟା ଶାସନାଧୀନ ଓଡିଶା ଅଧିକାର କଲେ । ସେତେବେଳକୁ ଓଡିଶା ଏକ ସ୍ୱାଧୀନ ରାଜ୍ୟ । ଏହି ଘଡିସନ୍ଧି ସମୟରେ ଦିବ୍ୟସିଂହଦେବଙ୍କର ମୃତ୍ୟୁ ଯୋଗୁଁ ତାଙ୍କର ନାବାଳକ ପୁତ୍ର ମୁକୁନ୍ଦଦେବ ଖୋର୍ଦ୍ଧା ରାଜସିଂହାସନରେ ଅଭିଷିକ୍ତ ହୋଇଥାନ୍ତି । ଅଭିଜ୍ଞ, ଦକ୍ଷ ରାଜନୀତିଜ୍ଞ, କୁଶଳୀ କୁଟନୀତିଜ୍ଞ, ସେନାଧ୍ୟକ୍ଷ, ମହାମନ୍ତ୍ରୀ, ମୁଖ୍ୟ ପରାମର୍ଶଦାତା ଜୟୀରାଜଗୁରୁଙ୍କର ମୁଣ୍ଡରେ ରାଜ୍ୟର ସମସ୍ତ ଭାର ଲଦି ହୋଇ ପଡିଲା । ମୁକୁଟବିହୀନ ସମ୍ରାଟ ରୂପେ ଜୟୀ ରାଜଗୁରୁ ଦେଶକୁ ରକ୍ଷା କରିବା ପାଇଁ ଇଂରେଜ ମାନଙ୍କ ବିରୁଦ୍ଧରେ ଲଢେଇ ଆରମ୍ଭ କଲେ । ଖୋର୍ଦ୍ଧା ରାଜ୍ୟ ଦେଇ ଇଂରେଜମାନେ ସୈନ୍ୟସାମନ୍ତ ନେଇ କଟକର ବାରବାଟୀ ଦୁର୍ଗ ଦଖଲ କଲେ । ସେମାନଙ୍କର ଚରମ ବିଶ୍ୱାସଘାତକତାରେ କ୍ଷୁବ୍ଧ ହୋଇ ଜୟୀ ରାଜଗୁରୁ ଇଂରେଜମାନଙ୍କ ବିରୁଦ୍ଧରେ ବିଦ୍ରୋହ ଆରମ୍ଭ କଲେ । 'ଶମ୍ଭୁ ଭାରତୀ' ନାମକ ଜଣେ ସନ୍ନ୍ୟାସୀଙ୍କୁ ସାଥୀ କରି ସେ ଗାଁ ଗାଁରେ ଲୋକଙ୍କୁ ମତାଇ ଇଂରେଜ ବିରୋଧୀ ଜନମତ

ସୃଷ୍ଟି କଲେ। ଫଳରେ ଗାଁ ଗାଁରେ ପାଇକ ପୁଅ, ଖଣ୍ଡାୟତ ପୁଅ, ବୀର ଯୋଦ୍ଧାମାନେ ମାତି ଉଠିଲେ, ତାତି ଉଠିଲେ। ପାଇକମାନଙ୍କୁ ନେଇ ମେଳି ତିଆରି ହେଲା। ମେଳିର ନେତା ହୋଇ ବୀର ଯୋଦ୍ଧା ଜୟୀ ରାଜଗୁରୁ ସୈନ୍ୟମାନଙ୍କୁ ତାଲିମ ଦେଲେ।

(କ) ଇଂରେଜ ମାନେ କେବେ ଓଡିଶା ଅଧିକାର କଲେ ?

(ଖ) ସେତେବେଳକୁ ଓଡିଶାରେ କେଉଁମାନେ ଶାସନ କରୁଥିଲେ ?

(ଗ) ମୁକୁଟବିହୀନ ସମ୍ରାଟ ରୂପେ କିଏ ପରିଚିତ ?

(ଘ) ଇଂରେଜମାନେ କେଉଁ ଦୁର୍ଗ ଦଖଲ କଲେ ?

(ଙ) ମୁକୁନ୍ଦଦେବଙ୍କର ପିତା କିଏ ?

## ଖ- ବିଭାଗ (ଲିଖନ)

୨. ଯେ କୌଣସି ଗୋଟିଏ ବିଷୟରେ ରଚନା ଲେଖ। (୮)

ପରିବେଶ ସୁରକ୍ଷା, ସମ୍ବାଦ ପତ୍ର, ଦୂରଦର୍ଶନର ପ୍ରଭାବ

୩. କରୋନା ଭୂତାଣୁ ସଂକ୍ରମଣରୁ ରକ୍ଷା ପାଇବା ନିମନ୍ତେ ତୁମେ କି କି ସତର୍କତାମୂଳକ ପଦକ୍ଷେପ ଅବଲମ୍ବନ କରୁଛ ବର୍ଣ୍ଣନା କରି ସାଙ୍ଗ ନିକଟକୁ ପତ୍ର ଲେଖ। (୬)

କିମ୍ବା

ତୁମ ଜନ୍ମ ଦିନ କିପରି ପାଳନ କଲ ବର୍ଣ୍ଣନା କରି ଅଜାଙ୍କ ନିକଟକୁ ପତ୍ର ଲେଖ।

## ଗ- ବିଭାଗ (ବ୍ୟାକରଣ)

୪. ବାକ୍ୟ ଗଠନ କର। (୪ଟିର) (୧x୪=୪)

ମନୋହର, ମିଥ୍ୟାଚାର, ମର୍ମନ୍ତୁଦ, ଆଧିପତ୍ୟ, ବିସ୍ମୟ

୫. ବିପରୀତ ଶବ୍ଦ ଲେଖ। (୪ଟିର) (୧x୪=୪)

ଜ୍ୟେଷ୍ଠା, ସନ୍ତୁଷ୍ଟ, ନିରକ୍ଷର, ଉନ୍ନତ, ପୂର୍ଣ୍ଣ

୬. ଲିଙ୍ଗ ପରିବର୍ତ୍ତନ କର। (୪ଟିର) (୧x୪=୪)

ନର, ଭାଇ, ବୀର, ଜନକ, ପୁରୁଷ

୭. ଶବ୍ଦାର୍ଥ ଲେଖ । (୪ଟିର) (୧x୪=୪)
ପ୍ରବାସ, ଅମିୟ, ଅଙ୍ଗୀକାର, ତିରୋଧାନ, ଜରା

୮. ସମୋଚ୍ଚାରିତ ଶବ୍ଦଗୁଡିକର ଅର୍ଥ ଲେଖ । (୩ଯୋଡାର) (୧x୩=୩)

| | | | |
|---|---|---|---|
| ବେଶି | କୁଳ | ଗୁଣି | ସର୍ଗ |
| ବେଶୀ | କୂଳ | ଗୁଣୀ | ସ୍ୱର୍ଗ |

୯. ଗଦ୍ୟ ରୂପ ଲେଖ । (୩ଟିର) (୧x୩=୩)
ହରଷ, ମରତ, କୀରତି, କଉତୁକ ।

୧୦. ଗୋଟିଏ ଲେଖାଏଁ ପ୍ରତିଶବ୍ଦ ଲେଖ । (୩ଟିର) (୧x୩=୩)
କାନନ, ନୟନ, ବସନ, ପ୍ରାଚୀନ

## ଘ-ବିଭାଗ(ସାହିତ୍ୟ)

୧୧. ସଂକ୍ଷେପରେ ଉତ୍ତର ଲେଖ । (୫ଟିର) (୨x୫=୧୦)

(କ) ରାମଚନ୍ଦ୍ର ଲବକୁଶଙ୍କର ପରିଚୟ କିପରି ପାଇଲେ ?

(ଖ) ଆଚାର୍ଯ୍ୟଙ୍କର ଶେଷ ଜୀବନ କିପରି କଟିଥିଲା ?

(ଗ) ଆଚାର୍ଯ୍ୟଙ୍କର କେଉଁ କେଉଁ ଗୁଣ ତୁମକୁ ଆକର୍ଷଣ କରୁଛି ?

(ଘ) ନଚିକେତା କେଉଁ କାରଣରୁ ଦୁଃଖିତ ହେଲେ ?

(ଙ) ଯମ ନଚିକେତାଙ୍କୁ ରତ୍ନମାଳ ପିନ୍ଧାଇ ଦେଲେ କାହିଁକି ?

(ଚ) ନଚିକେତା କାହିଁକି ବିସ୍ମିତ ଓ ମର୍ମାହତ ହେଲେ ?

(ଛ) ସୀତା ବାଲ୍ମୀକି ଆଶ୍ରମରେ କାହିଁକି ଆଶ୍ରୟ ନେଲେ ?

୧୨. ସଂକ୍ଷେପରେ ଉତ୍ତର ଲେଖ । (୫ଟିର) (୨x୫=୧୦)

(କ) ଶ୍ରୀକୃଷ୍ଣଙ୍କୁ କଳାମାଣିକ କହିବାର କାରଣ କ'ଣ ?

(ଖ) ଶ୍ରୀକୃଷ୍ଣ କିପରି ଯଶୋଦାଙ୍କର ସୁଖର କାରଣ ଥିଲେ ?

(ଗ) ସାରଳା ଦାସ କାହିଁକି ବିଖ୍ୟାତ ?

(ଘ) କବି ନିଜର ଜନ୍ମ ସଂପର୍କରେ କ'ଣ କହିଛନ୍ତି ?

(ଙ) ଜୀବନର ଯେଉଁ ଦୁଇଟି ବିଶେଷ କାର୍ଯ୍ୟ ସହ ଗାଆଁ ମାଟି ଜଡିତ ତାହା କ'ଣ କ'ଣ ?

(ଚ) ସଂସାରରେ ଗୀତର ଆବଶ୍ୟକତା କ'ଣ ?

(ଛ) ଲୋକେ କିପରି ନଈ ପାରି ହୁଅନ୍ତି ?

୧୩. ବନ୍ଧନୀ ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ । (୧x୫=୫)

(କ) ଦୁଃଖ ଜର୍ଜରିତ ପ୍ରାଣକୁ କିଏ ଶୀତଳତା ପ୍ରଦାନ କରେ ?
(କଟୁ କଥା, ମଧୁର ସ୍ୱର, ସୁଖ କଥା, ମଧୁର ଆଳାପ)

(ଖ) ସଚ୍ଚିଦାନନ୍ଦ ରାଉତରାୟ କେଉଁ ପୁରସ୍କାର ପାଇଛନ୍ତି ?
(ଦ୍ରୋଣାଚାର୍ଯ୍ୟ, ଏକଲବ୍ୟ, ପଦ୍ମଶ୍ରୀ, ଜ୍ଞାନପୀଠ)

(ଗ) ଓଡ଼ିଆ ସାହିତ୍ୟରେ କିଏ 'ଉତ୍କଳ ଭାରତୀ' ଭାବରେ ପରିଚିତ ?
(ରମାଦେବୀ, ବିଦ୍ୟୁତ୍ ପ୍ରଭା ଦେବୀ, ନନ୍ଦିନୀ ଶତପଥୀ, କୁନ୍ତଳା କୁମାରୀ )

(ଘ) ଏମାନଙ୍କ ମଧ୍ୟରୁ କିଏ ଗୋପବନ୍ଧୁଙ୍କର ଶିଷ୍ୟ ଅଟନ୍ତି ?
(ଫକୀର ମୋହନ ସେନାପତି, ପଣ୍ଡିତ ଗୋଦାବରୀଶ, ମଧୁସୂଦନ ରାଓ, ସଚ୍ଚିଦାନନ୍ଦ ରାଉତରାୟ)

(ଙ) 'ଆପଣ ବିଜ୍ଞ ହୋଇ ସତ୍ୟ ପ୍ରକାଶ କରିବାକୁ କୁଣ୍ଠା ପ୍ରକାଶ କରନ୍ତୁ ନାହିଁ ।' - ଏକଥା କିଏ କାହାକୁ କହିଛନ୍ତି ?
(ନଚିକେତା ଯମରାଜଙ୍କୁ, ବାଜଶ୍ରବା ପୁରୋହିତଙ୍କୁ, ପୁରୋହିତ ନଚିକେତାଙ୍କୁ, ନଚିକେତା ବାଜଶ୍ରବାଙ୍କୁ)

୧୪. ରାଜା ଓ ଦୋକାନୀ ପରସ୍ପରକୁ ଦେଖିବା ପରେ ମନ ଭିତରେ କ'ଣ କ'ଣ ଭାବିଲେ ? (୫x୧=୫)

କିମ୍ବା

ଗଙ୍ଗାମାତା ମାଆ ପୁଅକୁ କିପରି ଦଣ୍ଡ ଦେଲେ ?

***